# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 12 February – 2026

**********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ପାରିତ ହେଲା ଶିଳ୍ପ ସମ୍ବନ୍ଧ ସଂହିତା ସଂଶୋଧନ ବିଧେୟକ-୨୦୨୬
- ପ୍ରଶାସନିକ ବିଧିବ୍ୟବସ୍ଥାକୁ ଲୋକକୈନ୍ଦ୍ରିକ କରିବା ଉଦ୍ଦେଶ୍ୟରେ ଆସନ୍ତାକାଲି ଦିଲ୍ଲୀରେ ସେବାତୀର୍ଥ ଓ କର୍ତ୍ତବ୍ୟ ଭବନ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ
- ପୂର୍ବ ଭାରତର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ନିବେଶ ଲକ୍ଷ୍ୟସ୍ଥଳ ପାଲଟିଛି ଓଡ଼ିଶା; କହିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

ଏବଂ

- ପ୍ରୋ-ହକି ଲିଗ୍‌ରେ ଆଉ କିଛି ସମୟ ପରେ ଅନୁଷ୍ଠିତ ହେବ ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ମ୍ୟାଚ

# ଲୋକସଭା-ଶିଳ୍ପ ସଂହିତା

ଲୋକସଭାରେ ଆଜି ଶିଳ୍ପ ସମ୍ବନ୍ଧ ସଂହିତା ସଂଶୋଧନ ବିଧେୟକ-୨୦୨୬ ପାରିତ ହୋଇଛି । ଶିଳ୍ପ ସମ୍ବନ୍ଧ ସଂହିତା ୨୦୨୦ରେ କେତେକ ସଂଶୋଧନ ସହ ଏହି ବିଧେୟକକୁ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଗତକାଲି ଲୋକସଭାରେ ଆଗତ କରିଥିଲେ । ଏହି ବିଧେୟକରେ ଟ୍ରେଡ୍ ୟୁନିୟନ ଆଇନ୍ ୧୯୨୬, ଶିଳ୍ପ ନିଯୁକ୍ତି ଅଧିନିୟମ ୧୯୪୬ ଏବଂ ଶିଳ୍ପ ବିବାଦ ଅଧିନିୟମ ୧୯୪୭ ବଦଳରେ ନୂତନ ସଂହିତା ୨୦୨୦ ପ୍ରଚଳନ କରାଯାଇଛି ।

ଏ ସମ୍ପର୍କିତ ଆଲୋଚନାରେ ଭାଗ ନେଇ ବିଭାଗୀୟ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି, ନୂଆ ଶ୍ରମ ସଂହିତା ଶ୍ରମିକମାନଙ୍କ ଉପକାର କରିବ ବୋଲି ୧୭ଟି ରାଷ୍ଟ୍ରୀୟ ଶ୍ରମ ସଂଗଠନ କହିଛନ୍ତି । ସେ କହିଛନ୍ତି, ଶ୍ରମିକମାନଙ୍କୁ ନ୍ୟୁନତମ ମଜୁରୀ ପ୍ରଦାନ କରିବା ଏବଂ ନିର୍ଦ୍ଧାରିତ ନ୍ୟୁନତମ ମଜୁରୀରେ ହ୍ରାସ କରିବା ଲାଗି ରାଜ୍ୟଗୁଡ଼ିକୁ ଅନୁମତି ନ ଦେବା ଭଳି ବ୍ୟବସ୍ଥା ଏ ସଂଶୋଧନ ବିଧେୟକରେ ରହିଛି । ସେ କହିଛନ୍ତି, ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ସମାନ ବେତନ ସୁନିଶ୍ଚିତ କରିବା ସହ ଠିକ୍ ସମୟରେ ମଜୁରୀ ପ୍ରଦାନ କରିବା ବିଧେୟକରେ ନିଶ୍ଚିତ କରାଯାଇଛି ।

ଶ୍ରମ ସଂହିତା ଅନ୍ତର୍ଗତ ୪୦ ବର୍ଷରୁ ଅଧିକ ବୟସର ସମସ୍ତ ଶ୍ରମିକଙ୍କୁ ବର୍ଷକୁ ଗୋଟିଏ ଥର ନିଶ୍ଚିତ ସ୍ୱାସ୍ଥ୍ୟ ଯାଞ୍ଚ ବ୍ୟବସ୍ଥା ରଖାଯାଇଛି । ଗତ ୧୧ ବର୍ଷରେ

ଦେଶରେ ସାମାଜିକ ସୁରକ୍ଷାର ପରିସର ୧୯ ପ୍ରତିଶତରୁ ବୃଦ୍ଧି ପାଇଁ ୬୪ ପ୍ରତିଶତରେ ପହଞ୍ଚିଛି ।

## ପିଏମ୍-ସେବା ତୀର୍ଥ ଭବନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅପରାହ୍ଣରେ ସେବା ତୀର୍ଥ ଏବଂ କର୍ତ୍ତବ୍ୟ ଭବନ ୧ ଓ ୨ ର ଉଦ୍‌ଘାଟନ କରିବେ । ପରେ ସନ୍ଧ୍ୟାରେ ସେବା ତୀର୍ଥଠାରେ ଏକ ସଭାକୁ ଶ୍ରୀ ମୋଦୀ ସମ୍ବୋଧିତ କରିବେ । ଦେଶର ପ୍ରଶାସନିକ ଢ଼ାଞ୍ଚାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ପାଇଁ ଏହି ଭବନ ଏକ ଆଧୁନିକ, ଦକ୍ଷ, ସୁଗମ ଏବଂ ନାଗରିକ କୈନ୍ଦ୍ରିକ ଶାସନ ବ୍ୟବସ୍ଥା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ସେବା ତୀର୍ଥରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ କ୍ୟାବିନେଟ୍ ସଚିବାଳୟ ରହିଛି । ସେହିଭଳି କର୍ତ୍ତବ୍ୟ ଭବନ ୧ ଓ ୨ରେ ଅର୍ଥ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପରି ଅନେକ ପ୍ରମୁଖ ମନ୍ତ୍ରଣାଳୟ କାର୍ଯ୍ୟ କରିବ ।

## ଏଆଇ କନ୍‌କ୍ଲେଭ୍

ଶିକ୍ଷା ପ୍ରକ୍ରିୟାକୁ ଅଧିକ ସହଜ ଓ ପ୍ରଭାବଶାଳୀ କରିବା ପାଇଁ ବୋଧନ-ଏଆଇ କାର୍ଯ୍ୟ କରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀଠାରେ ଆୟୋଜିତ ଭାରତ ବୋଧନ ଏଆଇ କନ୍‌କ୍ଲେଭ୍‌ରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଏହା ଶିକ୍ଷକମାନଙ୍କୁ ସହାୟତା କରିବା ସହ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ଶିକ୍ଷା ପ୍ରଦାନରେ ସହାୟକ ହେବ । ଏଆଇ କେବଳ ଇଂରାଜୀ ଭାଷାରେ ସୀମିତ ନ ରହି ଭାରତୀୟ ଭାଷାଗୁଡ଼ିକରେ ଉପଲବ୍ଧ ହେବା ଉଚିତ । ଯାହାଦ୍ୱାରା ଗ୍ରାମାଞ୍ଚଳର ଶେଷ ଧାଡିର ବିଦ୍ୟାର୍ଥୀ ମଧ୍ୟ ନିଜ ମାତୃଭାଷାରେ ଜଟିଳ ବିଷୟଗୁଡ଼ିକୁ ସହଜରେ ବୁଝିପାରିବେ । ନୈତିକ,

ଦାୟିତ୍ୱ ସମ୍ପନ୍ନ ଏବଂ ସମାବେଶୀ ଏଆଇର ବିକାଶ ତଥା ପ୍ରୟୋଗ ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଭାରତର ଏଆଇ ନିଜସ୍ୱ ଶୈଳୀରେ ସମାବେଶୀ, ସଂରଚନାରେ ପରସ୍ପର ସହଯୋଗୀ ଏବଂ ସାମର୍ଥ୍ୟରେ ସାର୍ବଭୌମ ହେବ। ୨୦୩୫ ମସିହା ସୁଦ୍ଧା ଦେଶର ଅର୍ଥନୀତିରେ ଏଆଇର ଅବଦାନ ୧ ଦଶମିକ ୭ ଟ୍ରିଲିୟନ୍ ଡଲାରରେ ପହଞ୍ଚିବାର ସମ୍ଭାବନା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

## ମୁଖ୍ୟମନ୍ତ୍ରୀ-ଶ୍ରୀଜଗନ୍ନାଥ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ନବରଙ୍ଗପୁର ଜିଲ୍ଲାରୁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କରିବେ। ଯୋଜନାରେ ୬୦ ରୁ ୭୫ ବର୍ଷ ବୟସ୍କ ଆର୍ଥିକ ଅନଗ୍ରସର ନାଗରିକଙ୍କ ପାଇଁ ନିଶୁଳ୍କ ଶ୍ରୀଜଗନ୍ନାଥ ଦର୍ଶନର ସୁବିଧା ପ୍ରଦାନ କରାଯିବ। ଜିଲ୍ଲାରୁ ଆସନ୍ତାକାଲି ୧୬୦ ଜଣ ହିତାଧିକାରୀଙ୍କ ସହ ୪ଟି ବସ୍ ପୁରୀ ଅଭିମୁଖେ ବାହାରିବ। ଅନ୍ୟ ଜିଲ୍ଲାରୁ ମଧ୍ୟ ହିତାଧିକାରୀ ଏହି ଯୋଜନାରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଗସ୍ତ କରିବେ। ଏଥିସହ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ୪୪୬ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟରେ କେତେକ ପ୍ରକଳ୍ପର  ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ବୋଲି ଜଣାପଡିଛି।

## ଶକ୍ତି ସମ୍ମିଳନୀ

ପୂର୍ବ ଭାରତର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ନିବେଶ ଲକ୍ଷ୍ୟ ସ୍ଥଳ ଭଳି ଓଡ଼ିଶା ନିଜକୁ ପ୍ରତିଷ୍ଠିତ କରିଛି ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ଭୁବନେଶ୍ୱରଠାରେ ଓଡ଼ିଶା ନବୀକରଣୀୟ ଶକ୍ତି ନିବେଶ ସମ୍ମିଳନୀର ତୃତୀୟ ସଂସ୍କରଣରେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ୨୦୩୦ ମସିହା ସୁଦ୍ଧା ଭାରତ ୫୦୦ ଗିଗାୱାଟ୍ କ୍ଷମତା ବିଶିଷ୍ଟ ଅଣଜୀବାଶ୍ମ ଶକ୍ତି ସମ୍ପନ୍ନ ରାଷ୍ଟ୍ର ହେବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶା ଏଥିରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଉଛି।

ଉପକୂଳ ରାଜ୍ୟ ଭାବେ ସୌର ଏବଂ କ୍ଷୁଦ୍ର ଜଳବିଦ୍ୟୁତ୍ ସହ ପବନ ଶକ୍ତି ବିକାଶ ପାଇଁ ବିଶେଷ ସମ୍ଭାବନା ରହିଛି। ଚଳିତବର୍ଷରେ ୬ ଦଶମିକ ୮ ଗିଗାଓ୍ୱାଟ୍ କ୍ଷମତା ସହ ୬୭ ହଜାର କୋଟିର ପୁଞ୍ଜି ନିବେଶ ପ୍ରତିଶ୍ରୁତି ମିଳିଛି। ପବନ ଶକ୍ତି, ହାଇଡ୍ରୋ ପ୍ରକଳ୍ପ, କୃଷି ଏବଂ ଅପଚୟରୁ ଶକ୍ତି କ୍ଷେତ୍ରରେ ବିପୁଳ ସୁଯୋଗ ରହିଛି। ସମ୍ମିଳନୀରେ ନବୀକରଣୀୟ ଶକ୍ତିନିବେଶକୁ ତ୍ୱରାନ୍ୱିତ କରିବା ପାଇଁ ନୀତି ନିର୍ଦ୍ଧାରକ, ନିବେଶକ, ଆର୍ଥିକ ପ୍ରତିଷ୍ଠା, ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀ ଏବଂ ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିବିଶେଷ ଏକତ୍ରିତ ହୋଇଛନ୍ତି।

## ଓଟିଇଟି

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ଫଳ ଆଜି ପ୍ରକାଶ ପାଇବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭବିଷ୍ୟତରେ ସେମାନେ ରାଜ୍ୟର ଶିକ୍ଷାବ୍ୟବସ୍ଥାକୁ ଆହୁରି ସଶକ୍ତ କରିବେ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ଆଶା ବ୍ୟକ୍ତ କରିଛନ୍ତି।

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷାରେ ଚଳିତ ଥର ପ୍ରଥମ ଓ ଦ୍ୱିତୀୟ ପେପରରେ ୧ ଲକ୍ଷ ୫୩ ହଜାର ୭୪୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧ ଲକ୍ଷ ୬ ହଜାର ୪୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୬୮ ଦଶମିକ ୯/୭ ପ୍ରତିଶତ ରହିଛି।

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ଶିକ୍ଷକ ଯୋଗ୍ୟତା ପରୀକ୍ଷା ମେ' ମାସ ତୃତୀୟ ସପ୍ତାହରେ ଅନୁଷ୍ଠିତ ହେବ। ଏଥିଲାଗି ଆବେଦନ ତାରିଖ ଖୁବ୍ ଶୀଘ୍ର ପ୍ରକାଶ ପାଇବ।

## ପଙ୍କୋଦ୍ଧାର ଏକାଦଶୀ

ପଙ୍କୋଦ୍ଧାର ଏକାଦଶୀ ଅବସରରେ ଆସନ୍ତାକାଲି ପୁରୀ ଶ୍ରୀଲୋକନାଥଦେବଙ୍କ ପ୍ରତ୍ୟକ୍ଷ ଶିବଲିଙ୍ଗ ଦର୍ଶନ ଅନୁଷ୍ଠିତ ହେବ। ଭକ୍ତମାନଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ନୈବେଦ୍ୟ ସମେତ ପଙ୍କକୁ ଶିବରାତ୍ରୀ ପୂର୍ବରୁ ଆସନ୍ତାକାଲି କଢ଼ାଯିବ। ସୂଚନା ଅନୁଯାୟୀ, ସକାଳ ସମୟରେ ପଙ୍କୋଦ୍ଧାର ପରେ ମହାସ୍ନାନ କରାଯାଇ ସର୍ବସାଧାରଣଙ୍କ ପାଇଁ ଶିବଲିଙ୍ଗ ଦର୍ଶନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବାରିକେଡ୍ ନିର୍ମାଣ କରାଯାଇଛି।

## ପେନ୍‌ସନ୍ ଯୋଜନା

ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସେବା ସପ୍ତାହ ପାଳନ ଅବସରରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଜିଲ୍ଲା କୋଷାଗାରଠାରେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ସଚେତନତା ଏବଂ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ରେନ୍‌ବୋ ଡାଏଟ୍

କେନ୍ଦୁଝର ଜିଲ୍ଲାରେ ଜୁଆଙ୍ଗ ଜାତିର ଶିଶୁ ଓ କିଶୋରୀମାନଙ୍କ ମଧ୍ୟରେ ପୁଷ୍ଟି ସୁରକ୍ଷା ବୃଦ୍ଧି କରିବା ନିମନ୍ତେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ରେନ୍‌ବୋ ଡାଏଟ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।  ଗୋନାସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୮୨ ଜଣ କିଶୋରୀଙ୍କୁ ନେଇ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। ରେନ୍‌ବୋ ଡାଏଟ୍‌ର ଉଦ୍ଦେଶ୍ୟ ହେଉଛି ଜୁଆଙ୍ଗ ଜାତିର ଶିଶୁମାନଙ୍କ ମଧ୍ୟରେ ପୁଷ୍ଟିକର ଆହାର ସମ୍ପର୍କିତ ସଚେତନତା ସୃଷ୍ଟି କରିବା।

## ହକି – ପ୍ରୋ ଲିଗ୍

ରାଉରକେଲାସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଆଉ କିଛି ସମୟ ପରେ ପୁରୁଷ ହକିରେ ଭାରତ ଏବଂ ଆର୍ଜେଣ୍ଟିନା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲିର ମ୍ୟାଚ୍‌ରେ ଭାରତ ୧-୩ରେ ବେଲ୍‌ଜିୟମଠାରୁ ପରାସ୍ତ ହୋଇଥିଲା । ଆସନ୍ତା ୧୪ ତାରିଖରେ ଭାରତ' ବେଲଜିୟମ ବିପକ୍ଷରେ ଏବଂ ୧୫ ତାରିଖରେ ଆର୍ଜେଣ୍ଟିନା ବିପକ୍ଷରେ ମ୍ୟାଚ୍ ଖେଳିବ ।